# କେନ୍ଦୁଝର: ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସଂପର୍କରେ ଜିଲ୍ଲାପାଳଙ୍କ ରାଜନୈତିକ ଦଳମାନଙ୍କ ସହ ବୈଠକ



କେନ୍ଦୁଝର, ୨୬.୧୧. କେନ୍ଦୁଝର ଜିଲ୍ଲାରେ ଫଟୋ ଭୋଟର ତାଲିକା-୨୦୨୧ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ସଂପର୍କରେ ଚଳିତ ନଭେମ୍ବର ୨୬ ତାରିଖ ଗୁରୁବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି । ମିନି କନ୍‌ଫରେନ୍ସ୍ ହଲ୍‌ଠାରେ ଅନୁଷ୍ଠିତ ଏହି ବୈଠକରେ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଏକ ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତି ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ସୂଚନାଦେଇ କହିଥିଲେ ଯେ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗତ ତା ୧୬.୧୧.୨୦୨୦ରିଖ ରୁ ଫଟୋ ଭୋଟର ତାଲିକା-୨୦୨୧ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି । ତା ୦୧.୦୧.୨୦୨୧ରିଖକୁ ଯୋଗ୍ୟତାଭିତିକ ତାରିଖ ଭାବେ ଆଧାର କରାଯାଇ ଏହି ସଂଶୋଧନ କାର୍ଯ୍ୟକ୍ରମ ଚାଲିବ । ଆଗାମୀ ଜାନୁୟାରୀ ୦୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ହେଉଥିବା ସାବାଳକମାନଙ୍କର ନାମ ମଧ୍ୟ ଭୋଟର ତାଲିକାଭୁକ୍ତ କରାଯିବ । ଆସନ୍ତା ତା ୧୫.୧୨.୨୦୨୦ରିଖ ମଧ୍ୟରେ ସାବାଳକ/ନାଗରିକ ମାନଙ୍କଠାରୁ ଭୋଟର ତାଲିକାରେ ନାମ ପଞ୍ଜିକରଣ ଏବଂ ସଂଶୋଧନ, ଯୋଗ ବିଯୋଗ, ଅନ୍ୟ ବୁଥ୍‌କୁ ନାମ ସ୍ଥାନାନ୍ତର ପାଇଁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଗ୍ରହଣ କରାଯିବ । ଆଗାମୀ ତା ୨୮.୧୧.୨୦୨୦ ଶନିବାର, ତା ୨୯.୧୧.୨୦୨୦ ରବିବାର, ତା ୦୫.୧୨.୨୦୨୦ ଶନିବାର ଏବଂ ତା ୦୬.୧୨.୨୦୨୦ ରବିବାର ଦିନ ଭୋଟର ତାଲିକାର ସଂଶୋଧନ ପାଇଁ ପ୍ରତ୍ୟେକ ବୁଥ୍ ସ୍ତରରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯିବ । ମିଳିଥିବା ଦରଖାସ୍ତ, ଆପତି ଅଭିଯୋଗଗୁଡିକ ତା ୦୫.୦୧.୨୦୨୧ରିଖ ସୁଦ୍ଧା ଫଇସଲା କରାଯିବ । ତା ୧୪.୦୧.୨୦୨୧ରିଖ ସୁଦ୍ଧା ଭୋଟର ତାଲିକାର ନିର୍ଭୁଲତା ଯାଂଚ କରାଯିବା ସହିତ ଡାଟାବେସ ପ୍ରସ୍ତୁତପୂର୍ବକ ଚୂଡାନ୍ତ ପ୍ରକାଶନ ପାଇଁ ନିର୍ବାଚନ କମିଶନଙ୍କ ଅନୁମତି ପାଇବା ପରେ ତା ୧୫.୦୧.୨୦୨୧ରିଖ ଦିନ ଚୂଡାନ୍ତ ଫଟୋ ଭୋଟର ତାଲିକା ପ୍ରକାଶିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଯୋଗ୍ୟ ସାବାଳକ/ନାଗରିକମାନଙ୍କଠାରୁ ଭୋଟର ତାଲିକାରେ ଯୋଗ ନିମନ୍ତେ ଫର୍ମ ନଂ-୬ରେ ତଥ୍ୟ ସଂଗ୍ରହ କରାଯିବ । ଭୋଟର ତାଲିକାରୁ ନାମ ବାଦ୍ ଦେବା ନିମନ୍ତେ ଫର୍ମ ନଂ-୭, ଭୋଟରଙ୍କ ତଥ୍ୟ ସଂଶୋଧନ ପାଇଁ ଫର୍ମ ନଂ-୮ ଏବଂ ଗୋଟିଏ ବିଧାନସଭା ମଣ୍ଡଳୀର ଗୋଟିଏ ବୁଥ୍‌ରୁ ଆଉ ଗୋଟିଏ ବୁଥ୍‌କୁ ନାମ ସ୍ଥାନାନ୍ତର ପାଇଁ ଫର୍ମ ନଂ ୮-ଏ ରେ ତଥ୍ୟ ସଂଗ୍ରହ କରାଯିବ । ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱଚ୍ଛତା ପାଇଁ ବିଭିନ୍ନ ନିର୍ଦ୍ଧାରିତ ଫର୍ମରେ ମିଳିଥିବା ଆବେଦନଗୁଡିକୁ କମ୍ପ୍ୟୁଟରୀକରଣ କରି ଇଲୋକଟୋରାଲ ରେଜିଷ୍ଟ୍ରେସନ ଅଫିସରମାନେ ଦୈନିକ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟରେ ତଥ୍ୟ ଉପଲବ୍ଧ କରାଇବେ । ଯାହାକି ଯେକୌଣସି ବ୍ୟକ୍ତି କିମ୍ବା ରାଜନୈତିକ ଦଳ ଦେଖିପାରିବେ ଓ ଆବଶ୍ୟକସ୍ଥଳେ ସଂପୃକ୍ତ ଇଲୋକଟ୍ରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ପାଖରେ ଅଭିଯୋଗ ଦାଖଲ କରିପାରିବେ ବୋଲି ସୂଚନା ଦେଇଥିଲେ । ତା୧୫.୦୧.୨୦୨୧ରିଖ ଦିନ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ହେବା ପରେ ନବଭୋଟର ହୋଇଥିବା ଭୋଟରମାନଙ୍କୁ ଜାନୁୟାରୀ ୨୫ତାରିଖ ଦିନ ଜାତୀୟ ଭୋଟର ଦିବସ ଅବସରରେ ଫଟୋ ଭୋଟର ପରିଚୟ ପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୭୨୦ ବୁଥ୍ ପାଇଁ ୧୭୨୦ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ନିଯୁକ୍ତି କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ

କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ ନିମନ୍ତେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ସହଯୋଗ କାମନା କରାଯାଇଛି ଏବଂ ସେମାନେ ପ୍ରତି ବୁଥ୍ ପାଇଁ ବୁଥ୍ସ୍ତରୀୟ ଏଜେଂଟ୍  ନିଯୁକ୍ତି କରିପାରିବେ ବୋଲି ସୂଚନା ଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମ ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ମାଇକ୍ ଯୋଗେ ପ୍ରଚାର, ପ୍ରଚାରପତ୍ର ବଂଟନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକ୍ରେ କହିଥିଲେ । ଉପରୋକ୍ତ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ସଫଳତା ପାଇଁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଭକ୍ତଚରଣ ପ୍ରଧାନ ଫଟୋ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଭାରତର ନିର୍ବାଚନ ଆୟୋଗ ଏବଂ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ଆସିଥିବା ନିର୍ଦ୍ଦେଶାବଳୀ ସଂପର୍କରେ ସୂଚନା ଦେଇଥିଲେ । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆସିଷ୍ଟାଣ୍ଟ କଲେକ୍ଟର ନିର୍ବାଚନ କିରଣ କୁମାର ନାଏକଙ୍କ ସମେତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସନ୍ତୋଷ କୁମାର ରଣା, କନିଷ୍ଠ ରାଜସ୍ୱ ସହାୟକ ମୁକ୍ତିକାନ୍ତ ପାତ୍ର ଉକ୍ତ ବୈଠକ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର